# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 August – 2026

**************************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରଠାରେ ‘ଘରେ ଘରେ ତ୍ରିରଙ୍ଗା ଅଭିଯାନ’ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

– କହିଲେ; ତ୍ରିରଙ୍ଗା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ ଓ ଗୌରବର ପ୍ରତୀକ

- ଭାରତ ଛାଡ଼ ଆନ୍ଦୋଳନର ସ୍ମୃତିରେ ଆଜି ପାଳନ କରାଯାଉଛି ଅଗଷ୍ଟ କ୍ରାନ୍ତି ଦିବସ

- ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବେ ରାଜ୍ୟ ସରକାର

ଏବଂ

- ଲଘୁଚାପ ପ୍ରଭାବରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ୧୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ଘରେ ଘରେ ତ୍ରିରଙ୍ଗା ଅଭିଯାନ

ତ୍ରିରଙ୍ଗା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ ଓ ଗୌରବର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ଆଜି ରାଜ୍ୟସ୍ତରୀୟ 'ଘରେ ଘରେ ତ୍ରିରଙ୍ଗା ଅଭିଯାନ'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୧୯୪୨ ମସିହା ଅଗଷ୍ଟ ମାସ ୯ ତାରିଖରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲା। ଜାତୀୟ ପତାକା ତ୍ରିରଙ୍ଗାର କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟ ପଥରେ ଆଗେଇ ଚାଲିବାର ଶିକ୍ଷା ଦେଇଥାଏ। ତ୍ରିରଙ୍ଗା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶପ୍ରେମ, ସ୍ୱାଭିମାନ ଓ ଏକତାର ଏକ ନୂତନ ତରଙ୍ଗ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା ଏହି ଅଭିଯାନ ସମଗ୍ର ଦେଶରେ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଘର, ଅନୁଷ୍ଠାନ ଓ ପୁରପଲ୍ଲୀରେ ତ୍ରିରଙ୍ଗା ପତାକା ଉଡ଼ାଇ ଏହି ଜାତୀୟ ପର୍ବକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ କହିଛନ୍ତି, ବିକଶିତ ଭାରତ -୨୦୪୭ ସଂକଳ୍ପରେ ଓଡ଼ିଶାର ଭୂମିକା ସବୁଠାରୁ ନିର୍ଣ୍ଣାୟକ ରହିବ। ରାଜ୍ୟର ଚାଷୀ, ଶ୍ରମିକ, ଯୁବକ, ସ୍ୱାବଲମ୍ବୀ ମହିଳାଙ୍କ ଅବଦାନ ପାଇଁ ଓଡ଼ିଶା ଦେଶର ଆର୍ଥିକ ଓ ଶିଳ୍ପ ବିକାଶର ପ୍ରମୁଖ ଇଞ୍ଜିନ୍ ପାଲଟିବ। ସ୍ୱାଧୀନତା ଦିବସ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ବୀର ସୈନିକ ଓ ପୁଲିସ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଗୌରବର ସହ ସମ୍ମାନିତ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରାରେ ଛାତ୍ରଛାତ୍ରୀ ଓ ବହୁ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସାମିଲ ହୋଇଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଉପସ୍ଥିତ ଥିଲେ।

ଘରେ ଘରେ ତ୍ରିରଙ୍ଗା ଅଭିଯାନ ଅବସରରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

ସମ୍ବଲପୁର ରିଜର୍ଭ ପୁଲିସ ପଡ଼ିଆରୁ ଏକ ଶୋଭାଯାତ୍ରା ସମ୍ବଲପୁର ସହରର ମୁଖ୍ୟ ରାସ୍ତା ଦେଇ ଜେଲ୍ ଛକରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଯୋଗଦେଇ

ପଦଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ କହିଥିଲେ...

**- V/O –**

Nabarangpur/Desk

# ଅଗଷ୍ଟକ୍ରାନ୍ତି ଦିବସ

ଦେଶପାଇଁ ଅସୀମ ତ୍ୟାଗ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରି ଭାରତଛାଡ ଆନ୍ଦୋଳନର ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନକୁ ଦେଶବ୍ୟାପୀ **ଅଗଷ୍ଟ କ୍ରାନ୍ତିଦିବସ** ଭାବେ ପାଳନ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଆରମ୍ଭ ହୋଇଥିବା ଭାରତଛାଡ ଆନ୍ଦୋଳନ ଦେଶର ଇତିହାସର ଦିଗ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

ଇଂରେଜ ସରକାରଙ୍କ ବିରୁଦ୍ଧରେ ଭାରତଛାଡ ଆନ୍ଦୋଳନ ଏକ ସର୍ବଭାରତୀୟ ଆନ୍ଦୋଳନରେ ପରିଣତ ହୋଇ କ୍ରାନ୍ତିର ରୂପ ନେଇଥିଲା। ମୁମ୍ବାଇର ଅଗଷ୍ଟକ୍ରାନ୍ତି ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ମନେ ପକାଇ ଅଗଷ୍ଟ ୯ ତାରିଖକୁ ଅଗଷ୍ଟ କ୍ରାନ୍ତିଦିବସ ଭାବେ ପାଳନ କରାଯାଇଥାଏ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଏବଂ ଆନ୍ଦୋଳନକାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ଏହି ବୀରସେନାନୀମାନଙ୍କ ଅସମୀ ଧୌର୍ଯ୍ୟ ଓ ସାହସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଯୁଗେ ଯୁଗେ ପ୍ରେରଣାର ଶ୍ରୋତ ହୋଇ ରହିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଛାଡ଼ ଆନ୍ଦୋଳନର ଡାକରାରେ ଦେଶର ସ୍ୱାଧୀନତା ସଂଗ୍ରାମକୁ ଅମାପ ଶକ୍ତି ମିଳିଥିଲା। ଉପନିବେଶବାଦୀ ଶାସନରୁ ମୁକ୍ତି ପାଇବା ପାଇଁ ଭାରତୀୟମାନଙ୍କ ଅତୁଟ ସଂକଳ୍ପକୁ ଏହା ପ୍ରତିଫଳିତ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ କରିବା ସହ ଦେଶର ବୀର ସେନାନୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସଂଗ୍ରାମୀମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି, ବୀରସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଏବଂ ଦେଶପ୍ରେମ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ ଅଗଷ୍ଟ କ୍ରାନ୍ତି ଦିବସରେ ସ୍ୱାଧୀନତା ସଂଗ୍ରାମର ମହାନ ସେନାନୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ କହିଛନ୍ତି, ସେମାନଙ୍କ ରାଷ୍ଟ୍ରପ୍ରେମ ଏବଂ ମାତୃଭୂମି ପ୍ରତି ସମର୍ପଣଭାବ ସବୁଦିନ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

ରାଜ୍ୟର ବିଭିନ୍ନ ସ୍ଥାନରେ ଅଗଷ୍ଟକ୍ରାନ୍ତି ଦିବସ ଅବସରରେ କାର୍ଯ୍ୟକ୍ରମ ପାଳନ କରାଯାଉଛି। ନବରଙ୍ଗପୁର ପୁରୁଣା ବ୍ରିଟିଶ ଜେଲ୍ ପରିସରରେ ଆଜି ଅଗଷ୍ଟକ୍ରାନ୍ତି ମଶାଲ– ସହିଦ୍ ଶ୍ରଦ୍ଧାଞ୍ଜଳି ତିଥି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ସଂଗ୍ରାମୀ ସହିଦ୍ ସ୍ମୃତି ସଂସଦ ଓ ଆଦିବାସୀ ସହିଦ ସାଂସ୍କୃତିକ ସ୍ମୃତି କେନ୍ଦ୍ର ନବରଙ୍ଗପୁରର ମିଳିତ ପ୍ରଚେଷ୍ଟାରେ ଦେଶର ସ୍ୱାଧୀନତା ସଂଗ୍ରାମୀରେ ଝାସ ଦେଇଥିବା ସହିଦ୍ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Desk

## ଖାଦ୍ୟ ଯୋଗାଣ

ରାଜ୍ୟରେ ଧାନ ପଞ୍ଜୀକରଣ ପ୍ରକ୍ରିୟାରେ କୌଣସି ଜଟିଳତା ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ପଞ୍ଜୀକରଣ ପ୍ରକ୍ରିୟା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଆବଶ୍ୟକସ୍ଥଳେ ସମୟସୀମାକୁ ଆହୁରି ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ ଶ୍ରୀ

ପାତ୍ର କହିଛନ୍ତି। ଜମିପଟ୍ଟାର ଆର୍.ଓ.ଆର୍ ଦାଖଲ ପରେ ଦୁଇଦିନ ମଧ୍ୟରେ ପ୍ରମାଣପତ୍ର ପ୍ରଦାନ କରାଯିବ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଭାଗଚାଷୀ ମାନେ ପଞ୍ଜୀକରଣ କରିପାରିବେ। ସରକାର ସମସ୍ତ ଚାଷୀଙ୍କଠାରୁ ଧାନସଂଗ୍ରହ କରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

**- V/O –**

Rayagada/Desk

# ଆନ୍ତର୍ଜାତିକ ଦିବସ

ଜନଜାତିଙ୍କ ଅଧିକାର ଏବଂ ସମ୍ମାନର ସୁରକ୍ଷା ପାଇଁ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ଜନଜାତି ଦିବସ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି ‘ଜନାଜତି ଧାତ୍ରୀଙ୍କୁ ସମ୍ମାନ- ଜୀବନ ଏବଂ କଲ୍ୟାଣର ସୁରକ୍ଷା’। ଜାତିସଂଘ ଦ୍ୱାରା ୧୯୯୪ ମସିହା ଡିସେମ୍ବର ମାସରେ ଜନଜାତିଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଏହି ଦିବସ ପାଳନ ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା।

ଆନ୍ତର୍ଜାତିକ ଜନଜାତି ଦିବସ ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି।

ସାମାଜିକ ଗଣମାଧ୍ୟମରେ ରାଜ୍ୟପାଳ ଡକ୍ଟର କମ୍ଭମପାଟି କହିଛନ୍ତି, ଆଜିର ଦିବସ ଦେଶର ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ଐତିହ୍ୟ, ପରମ୍ପରା

ଓ ଅବଦାନକୁ ସମ୍ମାନ ଜଣାଇ ସେମାନଙ୍କ ସୁରକ୍ଷା ଲାଗି ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ। ସେ କହିଛନ୍ତି, ସେମାନଙ୍କ ଭାଷା, କଳା, ପରମ୍ପରା, ରୀତିନୀତି ଏବଂ ପାରମ୍ପରିକ ଜ୍ଞାନ ପ୍ରକୃତି ସହିତ ଥିବା ଗଭୀର ସମ୍ପର୍କକୁ ପ୍ରତିଫଳିତ କରେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମ ସମୃଦ୍ଧ, ସାଂସ୍କୃତିକ ପରମ୍ପରା, ଭାଷା ଓ ଐତିହ୍ୟର ବାହାକ ହେଉଛନ୍ତି ଜନଜାତି ସମାଜ। ସେମାନଙ୍କ ସୁରକ୍ଷା ଓ ସଶକ୍ତୀକରଣ ଲାଗି ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆନ୍ତର୍ଜାତିକ ଜନଜାତି ଦିବସ ଅବସରରେ ପ୍ରାଚୀନ ପରମ୍ପରାର ରକ୍ଷକ  ଆଦିବାସୀ ସମାଜକୁ ଜ୍ଞାନର ଜୀବନ୍ତ ଭଣ୍ଡାର ବୋଲି କହିଛନ୍ତି।

ରାୟଗଡ଼ା ଜିଲ୍ଲା ଆଦିବାସୀ ସମାଜ ପକ୍ଷରୁ ଏହି ଅବସରରେ ବିଷମ କଟକଠାରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁନିଗୁଡ଼ାସ୍ଥିତ ମୁନିଖୋଲ ପଡ଼ିଆଠାରେ ଜିଲ୍ଲା ଆଦିବାସୀ ସମାଜ ପକ୍ଷରୁ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା।

Desk

## ଶରଳା ଦେବୀ ଜୟନ୍ତୀ

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଲେଖିକା ଶରଳା ଦେବୀଙ୍କ ଜୟନ୍ତୀ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି। ଏହି ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ନାରୀ ଶକ୍ତି ଜାଗରଣର ପ୍ରତୀକ ଶରଳା ଦେବୀଙ୍କ ସମାଜସେବା ଓ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ସଦାସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

Nuapada

## ସଚେତନତା ଅଭିଯାନ

ନୂଆପଡ଼ା ଜିଲ୍ଲା ତରବୋଡ଼ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଏବଂ ଏକକ ବ୍ୟବହାର ପ୍ଲାଷ୍ଟିକ ବିରୋଧୀ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୁଦନ ଦାସ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଏବଂ ବର୍ଜ୍ୟବସ୍ତୁର ସଠିକ ପରିଚାଳନା ନେଇ ସଚେତନତା ସୃଷ୍ଟି କରିଥିଲେ।

Bhadrak

## ବିଜ୍ଞାନ ପ୍ରକଳ୍ପ

ଭଦ୍ରକ ସହର ଗାନ୍ଧୀପଡ଼ିଆ ନୂଆବଜାର ସ୍ଥିତ ମଞ୍ଜୁଳମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ

ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୬୩୯ ଜଣ ଛାତ୍ରଛାତ୍ରୀ ୧୦୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଛନ୍ତି।

Boudh

## ସାଧାରଣ ବଣ୍ଟନ

ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ସଚିବ ବି.ପରମେଶ୍ୱରନ୍ ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀ ପରମେଶ୍ୱରନ୍ ଜିଲ୍ଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିବା ସହ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

Desk

# ପାଣିପାଗ

ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଝାଡ଼ଖଣ୍ଡ ଉପରେ ସୃଷ୍ଟି ଲଘୁଚାପ କ୍ଷେତ୍ର ପ୍ରଭାବରେ ରାଜ୍ୟରେ ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହି ସମୟ ମଧ୍ୟରେ ପ୍ରାୟ ଅନ୍ୟ ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଗତ ୨୪ଘଣ୍ଟା ମଧ୍ୟରେ ବଲାଙ୍ଗୀର ଜିଲ୍ଲାର ଆଗଲପୁରରେ ସର୍ବାଧିକ ୧୩୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

BBSR/C

# ବନ୍ୟା

ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ପୁଣି ବାଲେଶ୍ୱରର ଜଳକା ଏବଂ ଭଦ୍ରକର ବୈତରଣୀ ଓ ସାଳନ୍ଦୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଛି। ହୀରାକୁଦ ଜଳଭଣ୍ଡାରରୁ ୧୨ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୨୨ ହଜାର ୫୬୮ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସେହି ସମୟ ମଧ୍ୟରେ ୧୨ଟି ଗେଟ୍ ଓ ପାୱାର ଚ୍ୟାନେଲ ଦେଇ ୨ ଲକ୍ଷ ୧୪ ହଜାର ୫୫୬ ଘନଫୁଟ ଜଳ ନିଷ୍କାସିତ ହେଉଛି।